# Akashvani, Sambalpur

## SAMBALPURI NEWS EVENING BULLETIN

## 21 October 2024- 7.02 pm- 7.12 pm.

*********************************************

୧- ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସମ୍ଭାବ୍ୟ ବାତ୍ୟାର୍ ମୁକାବିଲା ବାବ୍‌ଦେ କଲେ ସମୀକ୍ଷା ।

- ପ୍ରଭାବିତ୍ ହେବାର୍‌କେ ଥିବା ଜିଲ୍ଲା ପ୍ରଶାସନ୍‌କେ ପ୍ରସ୍ତୁତ୍ ରହେବାର୍‌କେ ଦେଲେ ନିର୍ଦ୍ଦେଶ୍ ।

୨- ୬୫ ତମ ପୁଲିସ୍ ଶହୀଦ୍ ସ୍ମୃତି ଦିବସ୍ ପାଲନ୍ ଅବ୍‌ସରେ ଶହୀଦ୍‌ମାନ୍‌କୁ ଶ୍ରଦ୍ଧାଞ୍ଜଳି ଦେଲେ ପ୍ରଧାନ୍‌ମନ୍ତ୍ରୀ ଆଉ ସ୍ୱରାଷ୍ଟ୍ରମନ୍ତ୍ରୀ ।

୩- କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ୍‌ଥି ଗଲା ଅଗଷ୍ଟ ମାସ୍‌ତକ୍ ସାମିଲ୍ ହେଲେ ୧୮ ଲାଖ୍ ୫୩ ହଜାର୍ ସଦସ୍ୟ ।

ଆଉର୍

୪- କାର୍ତ୍ତିକ ମାସ ପହେଲା ସୋମ୍‌ବାର୍ ଅବ୍‌ସରେ ରାଜ୍ୟର୍ ଶୈବପୀଠମାନ୍‌କେ ଶ୍ରଦ୍ଧାଳୁମାନ୍‌କର୍ ଭିଡ଼୍ ।

ବାତ୍ୟା - ମୁଖ୍ୟମନ୍ତ୍ରୀ ସମୀକ୍ଷା       ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ସମ୍ଭାବ୍ୟ ବାତ୍ୟାର୍ ମୁକାବିଲାର୍ ସମୀକ୍ଷା କରିଛନ୍ । ବାତ୍ୟା ମୁକାବିଲା ଲାଗି ସବୁ ବିଭାଗ୍ ସହେତେ ପ୍ରଭାବିତ୍ ହେବାର୍‌କେ ଥିବା ଜିଲ୍ଲା ପ୍ରଶାସନ୍ ପୁରା ପ୍ରସ୍ତୁତ୍ ରହେବାର୍‌କେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ୍ ଦେଇଛନ୍ । ପ୍ରଭାବିତ୍ ଜିଲ୍ଲାମାନ୍‌କର୍ ତଲିଆ ଆର୍ ବନ୍ୟା ପ୍ରବଣ୍ ଜାଗାମାନ୍‌କର୍‌ନୁ ଆର୍ କଛାଘର୍‌ମାନ୍‌କର୍‌ନୁ ଲୋକ୍‌ମାନ୍‌କୁ ସ୍ଥାନାନ୍ତର୍ କର୍‌ବାର୍‌କେ ଭିଲ୍ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ୍ ଦେଇଛନ୍ । ସମ୍ଭାବ୍ୟ ବାତ୍ୟା ଉତାରୁ ରାସ୍ତାଘାଟ୍ ସଫା କର୍‌ବାର୍, ବିଜ୍‌ଲି ଆଉ ଜଳଯୋଗାଣ ତ୍ୱରାନ୍ୱିତ୍ କର୍‌ବାର୍ ଲାଗି ଆଗୁଆ ପଦକ୍ଷେପ୍ ନେବାର୍ ଲାଗି ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ । ଡାକ୍ତରଖାନାମାନ୍‌କେ ଲଗାତାର୍ ବିଜ୍‌ଲି ସଂଯୋଗ୍ ଉପ୍‌ରେ ମୁଖ୍ୟମନ୍ତ୍ରୀ ଜୋର୍ ଦେଇଥିଲେ । ବାତ୍ୟା ସମିଆଥି ଯେନ୍ତା କଳାବଜାରୀ ନାଇଁ ହୁଏ ସେଥିର୍‌ଲାଗି ପୁରା ନଜର୍ ରଖ୍‌ବାର୍‌କେ ନିର୍ଦ୍ଦେଶ୍ ଦିଆଯାଇଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ବୈଠକ୍‌ଥି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜା, ସ୍ୱତନ୍ତ୍ର ରିଲିଫ୍ କମିଶନର୍, କୃଷି ବିଭାଗ୍ ଆର୍ ଶକ୍ତି ବିଭାଗ୍ ସଚିବ ଆର୍ ସବୁ ଜିଲ୍ଲାର୍ ଜିଲ୍ଲାପାଲ୍‌ମାନେ ଆଭାସୀ ଜରିଏ ଯୋଗ୍ ଦେଇଥିଲେ ।

ବାତ୍ୟା 'ଦାନା'            ଆର୍ଏନ୍ୟୁ/ କଟକ୍

ପୂର୍ବ କେନ୍ଦ୍ରୀୟ ବଙ୍ଗୋପ୍ସାଗର୍ ଆର୍ ଇତାର୍ ଆଖର୍ପାଖର୍ ଉତର୍ ଆଣ୍ଡାମାନ୍ ସମୁଦ୍ର ଉପକୂଲ୍ ନ ଗୁଟେ ଲଘୁଚାପ୍ କ୍ଷେତ୍ର ସୃଷ୍ଟି ହେଇଛେ ବଲି ଭାରତୀୟ ପାଣିପାଗ୍ ବିଭାଗ୍ କହିଛେ । ଇଟା ଆସ୍ତେ ଆସ୍ତେ ପଶ୍ଚିମ ଉତର୍ ପଶ୍ଚିମ୍ ଦିଗ୍କେ ଯାଇକରି ଆଏବା କାଏଲ୍ ସଖାଲ୍ତକ୍ ଅବପାତ ହେବା । ବୁଧ୍ବାର୍ତକ୍ ଇଟା ସାମୁଦ୍ରିକ ଝଡ଼ ହେବା । ପାଣିପାଗ୍ ବିଭାଗ୍ କହିଛେ ଯେ, ଇଟା ଆସ୍ତେ ଆସ୍ତେ ଉତର୍ ପଶ୍ଚିମ ଦିଗ୍କେ ଗତି କରିକରି ଗୁରୁବାର୍ ସଖାଲ୍ତକ୍ ଓଡ଼ିଶା ଆଉ ପଶ୍ଚିମବଙ୍ଗ୍ ଇଲାକା ଛୁଇଁପାରେ । ସମୁଦ୍ର ଅଶାନ୍ତ ରହୁଥିବାର୍ନୁ ମସ୍ୟଜୀବୀମାନ୍କୁ ସମୁଦ୍ର ଭିତର୍କେ ନାଇଁ ଯିବାର୍ ଲାଗି ପରାମର୍ଶ ଦିଆଯାଇଛେ । ସମୁଦ୍ର ଭିତର୍କେ ଯାଇଥିବା ମସ୍ୟଜୀବୀମାନ୍କୁ ଜଲ୍ଦି ଫିରି ଆସ୍ବାର୍କେ କୁହାଯାଇଛେ । ବିଭାଗ୍ର ମହାନିର୍ଦ୍ଦେଶକ ଡକ୍ଟର୍ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ ଯେ, ସାମୁଦ୍ରିକ ଝଡ଼ ଉପକୂଳ ଛୁଇଁବାର୍ ବେଲେ ପବନ୍ର ବେଗ ଶହେ ନୁ ଶହେ ୨୦ କିଲୋମିଟର୍ତକ୍ ହେଇପାରେ ।

ପୁଲିସ୍ ଶହୀଦ୍ ସ୍ମୃତି ଦିବସ

ଆର୍ଏନ୍ୟୁ/ କଟକ୍/ ସମ୍ବଲ୍ପୁର୍/ ବଲାଙ୍ଗିର୍/ ସୁବର୍ଣ୍ଣପୁର୍/ କଲାହାଣ୍ଡି/ ଝାର୍ସୁଗୁଡ଼ା/ ଦେବ୍ଗଡ଼୍

ଦେଶର୍ ଲାଗି ଜୀବନ୍ ଦେଇଥିବା ବୀର ପୁଲିସ୍ ମାନ୍କୁ ସୁର୍ତା କରିକରି ଆଏଜ୍ ପୁଲିସ୍ ଶହୀଦ୍ ସ୍ମୃତି ଦିବସ୍ ପାଲନ୍ କରାଯାଇଛେ । ମାତୃଭୂମି ସେବାର୍ ଲାଗି ଜୀବନ୍ ଦେଇଥିବା ପୁଲିସ୍ କର୍ମଚାରୀମାନ୍କର୍ ସ୍ମୃତି ଉଦ୍ଦେଶ୍ୟ‌େ ଫି' ବଛର୍ ଅକ୍ଟୋବର୍ ୨୧ ତାରିଖ୍ ଦିନ ପୁଲିସ୍ ଶହୀଦ୍ ସ୍ମୃତି ଦିବସ୍ ଭାବେ ପାଲନ୍ କରାଯାଉଛେ । ଇ ଅବ୍ସରେ ଭିନ୍ ଭିନ୍ ଜାଗା ନ ସ୍ୱତନ୍ତ୍ର କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯାଇଛେ ।

୬୫ ନମ୍ବର୍ ପୁଲିସ୍ ଶହୀଦ୍ ସ୍ମୃତି ଦିବସ୍ ଅବ୍ସରେ ଆଏଜ୍ ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର୍ ଶହୀଦ୍ ପୁଲିସ୍ କର୍ମଚାରୀମାନ୍କୁ ସେମାନ୍କର୍ ବଳିଦାନ୍ ଲାଗି ଶ୍ରଦ୍ଧାଞ୍ଜଳି ଦେଇଛନ୍ । ଇ ଅବ୍ସରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ସର୍ବୋଚ୍ଚ ବଳିଦାନ୍ ଦେଇଥିବା ଶହୀଦ୍ ପୁଲିସ୍ ଅଧିକାରୀମାନ୍କର୍ ସ୍ମୃତି ଉଦ୍ଦେଶ୍ୟ‌େ ଶ୍ରଦ୍ଧାଞ୍ଜଳି ଦେଇଛନ୍ । ନୂଆଦିଲ୍ଲୀର୍ ଜାତୀୟ ପୁଲିସ୍ ସ୍ମାରକୀ ନ ଶ୍ରୀ ଶାହା ପୁଷ୍ପମାଲ୍ୟ ଦେଇକରି ଗୁଟେ କାର୍ଯ୍ୟକ୍ରମ୍ଥି ଯୋଗ୍ ଦେଇଥିଲେ ।

ସେ କହିଛନ୍ ଯେ, ୩୬ ହଜାର୍ ୪ ଶହ ୬୮ ଝନ୍ ପୁଲିସ୍ କର୍ମଚାରୀ ଦେଶର୍ ଲାଗି ସର୍ବୋଚ୍ଚ ବଳିଦାନ୍ ଦେଇଛନ୍ ।

ଗଲାବଛର୍ ୨ ଶହ ୧୬ ଝନ୍ ପୁଲିସ୍ କର୍ମଚାରୀ ଶହୀଦ୍ ହେଇଛନ୍ । ସେମାନ୍‌କର୍ ଉଦ୍ୟମ୍ ଲାଗି ନକ୍ସଲ୍ ପ୍ରଭାବିତ୍ ଇଲାକା ମାନ୍‌କେ ହିଂସା ବହୁତ୍‌ଟେ କମିଛେ ।

ପୁଲିସ୍ ଶହୀଦ୍ ସ୍ମୃତି ଦିବସ ଆଏଜ୍ ରାଜ୍ୟର୍ ଭିନ୍ ଭିନ୍ ଇଲାକା ନ ପାଲନ୍ କରାଯାଉଛେ । କଟକ୍‌ର ରାଜ୍ୟ ପୁଲିସ୍ ମୁଖ୍ୟାଲୟ ନ ହେଇଥିବା ସମାରୋହଥି ପୁଲିସ୍ ମହାନିର୍ଦ୍ଦେଶକ୍ ଯୋଗେଶ ବାହାଦୂର ଖୁରାନିଆ ଯୋଗ୍ ଦେଇକରି ଆଏବା ୨୦୨୬ ମାର୍ଚ୍ଚ ମାସ୍‌ତକ୍ ମାଓବାଦୀ ମୂଳୋତ୍ପାଟନ୍ ଲକ୍ଷ୍ୟକେ ହାସଲ୍ କର୍‌ବାର୍ ଲାଗି ପୁଲିସ୍ କର୍ମଚାରୀମାନ୍‌କୁ ଆହ୍ୱାନ୍ ଦେଇଥିଲେ । ହିଂସାର୍ ମାର୍ଗ ଛାଡ଼ିକରି ସମାଜ୍‌ର ମୁଖ୍ୟସ୍ରୋତଥି ସାମିଲ୍ ହେବାର୍‌କେ ଶ୍ରୀ ଖୁରାନିଆ ମାଓବାଦୀମାନ୍‌କୁ ପରାମର୍ଶ ଦେଇଛନ୍ ।

(ଭଏସ୍ ଓଭର୍-ପୁଲିସ୍ ଡିଜି-୧)

ଇ ବଛର୍ କାମ୍ କରୁଥିବା ୨ ଝନ୍ ପୁଲିସ୍ କର୍ମଚାରୀ ଶହୀଦ୍ ହେଇଛନ୍ । ଶ୍ରୀ ଖୁରାନିଆ ସେମାନ୍‌କର୍ ଅମର୍ ଆତ୍ମାର ସଦ୍‌ଗତି କାମନା କର୍‌ବାର୍ ସହେତେ ସେମାନ୍‌କର୍ ପରିବାର୍ ଲୁକ୍‌କୁ ଭେଟିଛନ୍ ।

ସମ୍ବଲ୍‌ପୁର୍‌ର ରିଜର୍ଭ ପୁଲିସ୍ ପଡ଼ିଆ ନ ହେଇଥିବା ସମାରୋହଥି ଉତରାଂଚଲ୍ ଆଇଜି ହିମାଂଶୁ ଲାଲ୍ ଯୋଗ୍ ଦେଇକରି ଇ ଅବ୍‌ସରେ ହେଇଥିବା ପେରେଡ୍‌ଥି ଅଭିବାଦନ୍

ଗ୍ରହଣ୍ କର୍‌ବାର୍ ସହେତେ ଶହୀଦ୍ ପୁଲିସ୍ କର୍ମଚାରୀମାନ୍‌କୁ ଶ୍ରଦ୍ଧାଞ୍ଜଲି ଜନେଇଛନ୍ ।

ସମାରୋହଥି ଆଇଜିଙ୍କର୍ ସହେତେଁ ଏସ୍.ପି. ମୁକେଶ୍ କୁମାର୍ ଭାମୁ ଆର୍ ଅଲ୍‌ଗା ପୁଲିସ୍ ଅଧିକାରୀମାନେ ପୁଲିସ୍ ଶହୀଦ୍ ବେଦୀ ନ ପୁଷ୍ପମାଲ୍ୟ ଦେଇକରି ଶ୍ରଦ୍ଧାଞ୍ଜଲି ଜନେଇଥିଲେ ।

ବଲାଙ୍ଗିର୍ ମନୋହର୍‌ପୁର୍ ରିଜର୍ଭ ପୁଲିସ୍ ପଡ଼ିଆ ନ ଏସ୍.ପି. ରିସିକେଶ୍ ଖିଲାରି ଯୋଗ୍ ଦେଇକରି ଶୃଙ୍ଖଲା ବଜାୟ କ୍ଷେତ୍ରଥି ପୁଲିସ୍ କର୍ମଚାରୀଙ୍କର୍ କର୍ତବ୍ୟ ଉପ୍‌ରେ କହିଥିଲେ ।

ସୁବର୍ଣ୍ଣପୁର୍ ଜିଲ୍ଲାସ୍ତରୀୟ ସମାରୋହଥି ଜିଲ୍ଲାପାଲ୍ ଅନ୍ୟା ଦାସ ଆର୍ ଏସ୍.ପି. ରାମ୍‌ପ୍ରସାଦ୍ ସାହୁ ଯୋଗ୍ ଦେଇଥିଲେ ।

କଲାହାଣ୍ଡି ଜିଲ୍ଲାସ୍ତରୀୟ ସମାରୋହଥି ଏସ୍.ପି. ଅଭିଲାଷ ଜି. ଯୋଗ୍ ଦେଇକରି ଶହୀଦ୍ ମାନ୍‌କର୍ ସ୍ମୃତିଚାରଣ୍ କରିଥିଲେ ।

ଝାର୍‌ସୁଗୁଡ଼ା ଦ୍ୱିତୀୟ ସଶସ୍ତ୍ର ବାହିନୀ ପେରେଡ୍ ପଡ଼ିଆ ନ ଏସ୍.ପି. ସ୍ମିଥ୍ ପର୍‌ମାର୍ ଶହୀଦ୍ ସ୍ମୃତି ସ୍ତମ୍ଭ ନ ପୁଷ୍ପମାଲ୍ୟ ଦେଇକରି ଶହୀଦ୍‌ମାନ୍‌କୁ ଶ୍ରଦ୍ଧାଞ୍ଜଲି ଜନେଇଥିଲେ ।

ଦେବ୍‌ଗଡ଼୍ ଜିଲ୍ଲା ପୁଲିସ୍ ତର୍‌ଫୁ ଦେବ୍‌ଗଡ଼୍ ରିଜର୍ଭ ପୁଲିସ୍ ପଡ଼ିଆ ନ  ଶହୀଦ୍ ସ୍ମୃତି ଦିବସ୍ ପାଲିତ୍ ହେଇଯାଇଛେ । ଏସ୍.ପି. ଅନୀଲ୍ କୁମାର୍ ମିଶ୍ର ପେରେଡ୍‌ଥି ଅଭିବାଦନ୍ ଗ୍ରହଣ୍ କରିକରି ଶହୀଦ୍ ପୁଲିସ୍ ମାନ୍‌କର୍ ସ୍ମୃତିଥି ଶ୍ରଦ୍ଧାଞ୍ଜଲି

ଜଣେଇଥିଲେ । ଇ ଅବ୍‌ସରେ ଦେବ୍‌ଗଡ୍ ଜିଲ୍ଲାର୍ ୨ ଜଣ୍ ଶହୀଦ୍ ପରିବାର୍‌କେ ସମ୍ମାନିତ୍ କରାଯାଇଥିଲା ।

ଇପିଏଫ୍‌ଓ ଆର୍‌ଏନ୍‌ୟୁ/ କଟକ୍

କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ୍‌ଥି ଗଲା ଅଗଷ୍ଟ ମାସେ ୧୮ ଲାଖ୍ ୫୩ ହଜାର୍ ସଦସ୍ୟ ସାମିଲ୍ ହେଇଛନ୍ । ସେମାନ୍‌କର୍ ଭିତ୍‌ରେ ୧୮ ନୁ ୨୫ ବଛର୍ ବର୍ଗର ୮ ଲାଖ୍ ୬ ହଜାର୍ ସଦସ୍ୟ ରହିଛନ୍ । ୧୩ ଲାଖ୍ ୫୪ ହଜାର୍ ସଦସ୍ୟ ଇପିଏଫ୍‌ଓଥି ଫେର୍ ପଞ୍ଜିକୃତ ହେଇଛନ୍ । ବାର୍ଷିକ ଭିତିଥି ଇପିଏଫ୍‌ଓଥି ପଞ୍ଜିକୃତଙ୍କର୍ ସଂଖ୍ୟା ୯ ଦଶ୍‌ମିକ୍ ଶୂନ୍/ ୭ ପ୍ରତିଶତ୍ ବଢ଼ିଥିବାର୍ ଇପିଏଫ୍‌ଓ ରିପୋର୍ଟଥି କୁହାଯାଇଛେ ।

କାର୍ତିକ - ପହେଲା ସୋମ୍‌ବାର୍ ଆର୍‌ଏନ୍‌ୟୁ/ କଟକ୍

କାର୍ତିକ ମାସ ପହେଲା ସୋମ୍‌ବାର୍ ଅବ୍‌ସରେ ଆଏଜ୍ ଶୈବପୀଠମାନ୍‌କେ ଭୋର୍‌ନୁ ଶ୍ରଦ୍ଧାଳୁମାନ୍‌କର୍ ଭିଡ୍ ଦେଖିବାର୍‌କେ ମିଲିଥିଲା । ଶୈବପୀଠମାନ୍‌କେ ମାହାପୁରୁଙ୍କର୍ ସ୍ୱତନ୍ତ୍ର ନୀତିକାନ୍ତି ହେଇଥିଲା । ଭିଡ୍‌କେ ନଜର୍‌ଥି ରଖିକରି ମନ୍ଦିର୍ ଟ୍ରଷ୍ଟ ଆଉ ପୁଲିସ୍ ତର୍‌ଫୁ

ଭକ୍ତମାନେ ଯେନ୍ତା ସୁରୁଖୁରୁଥି ଦର୍ଶନ୍ କରିପାର୍‌ବେ ସେଥିର୍‌ଲାଗି ବ୍ୟବସ୍ଥା କରାଯାଇଥିଲା ।

ଜନଅଭିଯୋଗ୍ ଶୁଣାଣି ଶିବିର

ସମ୍ବଲପୁର/ ବର୍‌ଗଡ଼୍/ ବୌଦ୍ଧ/ ସୁବର୍ଣ୍ଣପୁର୍/ ଦେବ୍‌ଗଡ଼୍

ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲାନ ଆଏଜ୍ ମିଲିତ୍ ଜନଶୁଣାଣି ଶିବିର ହେଇଯାଇଛେ । ଜିଲ୍ଲାପାଳ୍ ଆର୍ ଏସ୍.ପି. ଶିବିରମାନ୍‌କେ ଉପସ୍ଥିତ୍ ରହିକରି ଅଭିଯୋଗ୍‌ମାନ୍‌କର୍ ସମାଧାନ୍ କର୍‌ବାର୍ ସହେତେ ଦର୍‌କାରୀ ପଦକ୍ଷେପ୍ ନେବାର୍‌କେ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ସମ୍ବଲ୍‌ପୁର୍‌ର ନାକଟିଦେଉଲ୍ ବ୍ଲକ୍ କାର୍ଯ୍ୟାଳୟ ନ ଆଏଜ୍ ମିଲିତ ଯୁଗ୍ମ ଜନଶୁଣାଣି ହେଇଥିଲା । ଜିଲ୍ଲାପାଳ ଆର୍ ଏସ୍.ପି. ଇଥି ଯୋଗ୍ ଦେଇକରି ୨ ଶହ ୧୭ ଟା ଅଭିଯୋଗ୍‌ର ଶୁଣାଣି କରିଥିଲେ । ସେଥିର୍‌ଭିତ୍‌ରୁ ଶହେ ୯୩ ଟା ଅଭିଯୋଗ୍ ବ୍ୟକ୍ତିଗତ ଥିବାର୍ ବେଲେ ୨୩ଟା ଗାଁମାନ୍‌କର୍ ସମସ୍ୟା ଆର୍ ଗୁଟେ ସି.ଏମ୍.ଆର୍.ଏଫ୍ ଅଧୀନ୍ ଅଭିଯୋଗ୍ ଥିଲା । ଶହେ ୫୦ ଟା ଅଭିଯୋଗ୍ ଶିବିର୍ ନ ସମାଧାନ୍ କରାଯାଇଥିଲା । ଇତାର୍‌ଛଡ଼ା ଶିବିର୍‌ଥି ୩ ଝନ୍ ହିତାଧିକାରୀଙ୍କୁ ହ୍ୱିଲ୍ ଚେୟାର୍, ଝନ୍‌କୁ ଓ୍ୱାକିଂ ଷ୍ଟିକ୍ ଆର୍ ମଧୁବାବୁ ପେନ୍‌ସନ୍ ଯୋଜ୍‌ନା ଅଧୀନ୍‌ଥି ୬ ଝନ୍

ହିତାଧିକାରୀଙ୍କୁ ଭତା ଆର୍ ଜାତୀୟ ପରିବାର୍ ମଙ୍ଗଳ ଯୋଜ୍ନା ଅଧୀନ୍‌ଥି ୬ ଝନ୍ ହିତାଧିକାରୀଙ୍କୁ ୨୦ ହଜାର୍ ଟଙ୍କା ଲେଖା ଦିଆଯାଇଥିଲା ।

ବର୍‌ଗଡ଼୍ ଜିଲ୍ଲାର୍ ଭଟ୍‌ଲି ପଂଚାୟତ୍ ସମିତି କାର୍ଯ୍ୟାଳୟ ପରିସର ନ ହେଇଥିବା ଜନଅଭିଯୋଗ୍ ଶୁଣାଣି ଶିବିର ୫୫ ଟା ଅଭିଯୋଗ୍‌ର ଶୁଣାଣି ହେଇଥିଲା ।

ଦେବ୍‌ଗଡ଼୍ ଜିଲ୍ଲାର୍ ରିଆମାଲ୍ ବ୍ଲକ୍ ନୂଆପଡ଼ା ଗ୍ରାମ୍‌ପଂଚାୟତ୍ ସମିତି ସମ୍ମିଲନୀ କକ୍ଷ ନ ହେଇଥିବା ଜିଲ୍ଲାପାଳ୍‌ଙ୍କର୍ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରଥି ୬୧ ଟା ଅଭିଯୋଗ୍‌ର ଶୁଣାଣି କରାଯାଇଛେ ।

ସୁବର୍ଣ୍ଣପୁର୍ ଜିଲ୍ଲା ଉଲୁଣ୍ଡା ବ୍ଲକ୍ କାର୍ଯ୍ୟାଳୟ ନ ହେଇଥିବା ଜନଶୁଣାଣି ଶିବିରଥି ୮୮ ଟା ଅଭିଯୋଗ୍‌ର ସମାଧାନ୍ କରାଯାଇଛେ ।

କଲାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼୍ ବ୍ଲକ୍ ଠାନେ ହେଇଥିବା ଯୁଗ୍ମ ଅଭିଯୋଗ୍ ଶୁଣାଣି ଶିବିର୍‌ଥି ଜିଲ୍ଲାପାଳ୍ ଯୋଗ୍ ଦେଇକରି ଶହେ ୨୨ ଟା ଅଭିଯୋଗ୍‌ର ଶୁଣାଣି କରିଥିଲେ ।

ବିଦ୍ୟୁତ୍‌କାଟ୍ ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ଜିଲ୍ଲାର୍ ଲପଙ୍ଗା ନ ଥିବାର୍ ଓପିଟିସିଏଲ୍‌ର ଶହେ ୩୨ ବାଇ ୩୩ କେଭି ଗ୍ରୀଡ଼୍ ଷ୍ଟେସନ୍‌ର ବଛର୍‌କିଆ ଦେଖ୍‌ରେଖ୍ କାମ୍

ହେବା । ସେଥିର୍‌ଲାଗି ଆଏବା କାଏଲ୍ ସଖାଲର୍ ୭ ବଜୁ ଉପର୍‌ବେଲା ୪ ବଜାତକ୍ ଠେଲ୍‌କୁଲି, ଟାମ୍ପର୍‌କେଲା, ଖୃଣ୍ଡା, ଲପଙ୍ଗା, କତର୍‌ବଗା, ରେଙ୍ଗାଲି, ଗୁଲାମାଲ୍, ବାସୁପାଲି, ଗୁମ୍‌ଲେଇ, କୁସୁମ୍‌ଡିହି, ତଲାବିରା, ବୁଧିଆପାଲି, ପତ୍ରାପାଲି, ମାଓ୍‌ଲୁକେମ୍ପ୍, ରାମ୍‌ପୁର୍, ଶରଧାପାଲି ଆର୍ ହେତାର୍ ଆଖର୍‌ପାଖର୍ ଇଲାକାକେ ବିଜ୍‌ଲି ଯୋଗାଣ ବନ୍ଦ୍ ରହେବା ବଲି ଟିପିଡବ୍ଲୁଓଡିଏଲ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ        ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଆଉ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଆୟୋଜିତ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ୍ 'ମହକ୍ ଆର୍ ଉତ୍ସାହ-୨୦୨୪-୨୫' ଉଦ୍‌ଯାପିତ୍ ହେଇଯାଇଛେ । ବୀର୍‌ସିଂପୁର୍‌ର ଶିଶୁଯତ୍ନ ଅନୁଷ୍ଠାନ୍ ରାମକୃଷ୍ଣ ବାଲାଶ୍ରମ ଠାନେ ହେଇଥିବା ଇ ମହୋତ୍ସବ୍‌ଥି ଛୁଆମାନ୍‌କର୍ ପ୍ରତିଭା ଚିହ୍ନଟ୍ କରିକରି ଜିଲ୍ଲା, ରାଜ୍ୟ ସ୍ତର୍ ନ ସେମାନ୍‌କୁ ସୁଯୋଗ୍ ଦେବାର୍ ଲାଗି କାର୍ଯ୍ୟକ୍ରମ୍ ଆୟୋଜିତ୍ ହେଇଥିଲା । ଉଦ୍‌ଯାପନୀ ସମାରୋହଥି ଜିଲ୍ଲାପାଲ୍ ସବ୍ରତ୍ କୁମାର୍ ପଣ୍ଡା ଯୋଗ୍ ଦେଇକରି ଛୁଆମାନ୍‌କୁ ସମୟାନୁବର୍ତ୍ତିତା ଲାଗି ପରାମର୍ଶ ଦେଇଥିଲେ ।

ସୈରୀନ୍ଧ୍ରୀ ନାଏକ୍ ଟ୍ରଫି        ଆର୍‌ଏନ୍‌ୟୁ/ ସମ୍ବଲ୍‌ପୁର୍

ସମ୍ବଲ୍‌ପୁର୍ ଜିଲ୍ଲା ବର୍ଷିଆନ୍ କ୍ରୀଡ଼ା ସଂଘ ତରଫୁ ସିଂପାଲି କିଷାନ୍ କ୍ଲବ୍ ଫୁଟ୍‌ବଲ୍ ପଡ଼ିଆ ନ ଆଏଜ୍‌ଠାନୁ ସୈରୀନ୍ଦ୍ରୀ ନାଏକ୍ ଟ୍ରଫି ହାଇସ୍କୁଲ୍ ସ୍ତରୀୟ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍ ମୁଲ୍ ହେଇଛେ । ଇଥି ୧୭ ଟା ହାଇସ୍କୁଲ୍‌ର ଫୁଟ୍‌ବଲ୍ ଟିମ୍ ଯୋଗ୍ ଦେଇଛନ୍ । ଇ ଟୁର୍ଣ୍ଣାମେଂଟ୍ ଆଏବା ୨୯ ତାରିଖ୍‌ତକ୍ ଚାଲ୍‌ବା । ଆଏଜ୍ କାଇଁଶିର୍ ହାଇସ୍କୁଲ୍ ଆର୍ ସେଂଟ୍ ଜାଭିଅର୍ ସ୍କୁଲ୍ ଭିତ୍‌ରେ ହେଇଥିବା ଉଦ୍‌ଘାଟନୀ ମେଚ୍‌ଥି କାଇଁଶିର୍ ସ୍କୁଲ୍ ଜାଭିଅର୍ ସ୍କୁଲ୍‌କେ ୧୧/ଶୂନ୍ ଗୋଲ୍‌ଥି ହରେଇଛେ ।